ଶନିବାର , ୫ ଫେବୃୟାରୀ, ୨୦୨୨

# ପିଲାଙ୍କ ଧରିତ୍ରୀ



## ଗପ

# ଜ୍ଞାନଦାୟିନୀ ସରସ୍ୱତୀ

ବହୁବର୍ଷ ପୂର୍ବେ ଆମ ଦେଶରେ ଉଜ୍ଜୟିନୀ ନାମରେ ରାଜ୍ୟଟିଏ ଥିଲା ଏବଂ ସେ ରାଜ୍ୟର ରାଜକୁମାରୀ ଥିଲେ ସର୍ବଶ୍ରେଷ୍ଠ ପଣ୍ଡିତା। ଜ୍ଞାନରେ ସେ ସବୁ ପଣ୍ଡିତଙ୍କୁ ହରାଇ ଅପମାନିତ କରୁଥିବାରୁ ଆଖପାଖର ପଣ୍ଡିତମାନେ ଏକାଠି ହୋଇ ତାଙ୍କ ଉପରେ ପ୍ରତିଶୋଧ ନେବାକୁ ସ୍ଥିର କଲେ। ତେଣୁ ସେମାନେ ରାଜକୁମାରୀଙ୍କ ସହିତ ଏକ ମହାମୂର୍ଖକୁ ବିବାହ କରାଇବେ ବୋଲି ନିଷ୍ପତ୍ତି ନେଲେ।



ପଣ୍ଡିତମାନେ ସେହିପରି ଏକ ମୂର୍ଖକୁ ଖୋଜୁ ଖୋଜୁ ଦିନେ ଦେଖିଲେ ଜଣେ ଯୁବକ ଏକ ଗଛ ଉପରେ ଚଢ଼ି ଯେଉଁ ଡାଳରେ ବସିଛି ସେହି ଡାଳକୁ ମୂଳରୁ ହାଣୁଛି। ପଣ୍ଡିତମାନେ ଜାଣିଗଲେ ଯେ ଇଏ ହେଉଛି ମହାମୂର୍ଖ। ତେଣୁ ସଙ୍ଗେ ସଙ୍ଗେ ସେହି ମୂର୍ଖକୁ ଫୁସୁଲା ଫୁସୁଲି କରି ତଳକୁ ଓହ୍ଲାଇ ଆଣିଲେ ଏବଂ କୌଶଳ କରି ମିଥ୍ୟା କହି ରାଜକୁମାରୀଙ୍କ ସହ ବିବାହ କରାଇଦେଲେ। ହେଲେ ରାଜକୁମାରୀ ଯେତେବେଳେ ଜାଣିପାରିଲେ କି ପଣ୍ଡିତ ଭାବି ସେ ବିବାହ କରିଥିବା ବ୍ୟକ୍ତିଜଣକ ମହାମୂର୍ଖ, ସେତେବେଳେ ତାଙ୍କୁ ଅପମାନିତ କରି ଘରୁ ବାହାର କରିଦେଲେ।

ରାଜଜେମାଙ୍କଠାରୁ ଅପମାନ ପାଇ ମୂର୍ଖ ବ୍ୟକ୍ତିଜଣକ ଦୁଃଖରେ ଭାଙ୍ଗିପଡ଼ିଲେ। ସେ ଶୁଣିଥିଲେ କି ମା ସରସ୍ୱତୀ ହେଉଛନ୍ତି ସକଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ। ତେଣୁ ନ ଖାଇ ନ ପିଇ ସେ ମା' ସରସ୍ୱତୀଙ୍କୁ ଆରାଧନା କରିବାକୁ ଲାଗିଲେ। ମା' ତ ସନ୍ତାନର ଦୁଃଖ ସହିପାରନ୍ତି ନାହିଁ। ତାଙ୍କ ପ୍ରାର୍ଥନାରେ ପ୍ରସନ୍ନ ହୋଇ ତାଙ୍କୁ ଇଚ୍ଛା ବର ଯାଚିଲେ। ମୂର୍ଖ ବ୍ୟକ୍ତିଜଣକ କହିଲେ, ''ମାଆ ମତେ ସର୍ବଶ୍ରେଷ୍ଠ ପଣ୍ଡିତ କରିଦିଅ।'' କିଛି ସମୟ ଚିନ୍ତା କଲା ପରେ ମା' ଜାଣିପାରିଲେ କି ତାଙ୍କର ସାତ ଜନ୍ମ ପର୍ଯ୍ୟନ୍ତ ମୂର୍ଖ (ଅଜ୍ଞତା) ଦୋଷ ରହିଛି। ହେଲେ ବର ଦେବା ପାଇଁ କଥା ତ ଦେଇ ସାରିଛନ୍ତି। କ'ଣ କରିବେ? ତେଣୁ ସେହିଠାରେ ତାଙ୍କୁ ଥର ଥର କରି ସାତ ଥର ମାରି ପୁଣି ବଞ୍ଚାଇଦେଲେ। ଏହା ଫଳରେ ତାଙ୍କର ସାତଜନ୍ମର ମୂର୍ଖ ଦୋଷ କଟିଗଲା ଏବଂ ସେ ଶ୍ରେଷ୍ଠ ପଣ୍ଡିତ ହୋଇପାରିଲେ। ଏହି ଶ୍ରେଷ୍ଠ ପଣ୍ଡିତ ଜଣକ କାଳିଦାସ ନାମରେ ସବୁଆଡ଼େ ପରିଚିତ ହେଲେ। ପରେ ସେ ରାଜକୁମାରୀଙ୍କୁ ବି ବିଦ୍ୟା ବୁଦ୍ଧିରେ ପରାସ୍ତ କରି ଦେଇଥିଲେ।

ତେଣୁ ମାଆ ସରସ୍ୱତୀଙ୍କର କୃପା ହେଲେ ମୂର୍ଖ କିପରି ପଣ୍ଡିତ ହୋଇପାରେ, ଏହା ତା'ର ଏକ ଉଦାହରଣ। ଶ୍ରେଷ୍ଠ ବା ସାର ପଦାର୍ଥ ଦାନ କରୁଥିବାରୁ ତାଙ୍କର ଆଉ ଏକ ନାମ ସାରଦା। ଅଭାଗାକୁ ଭାଗ୍ୟବାନ୍ କରିଦେଇଥିବାରୁ ସେ ସୁଭଗା। ସେଥିପାଇଁ ତ ଯୁଗଯୁଗରୁ ବିଦ୍ୟାର୍ଥୀମାନେ ତାଙ୍କୁ ପୂଜାର୍ଚ୍ଚନା କରି ଆସୁଛନ୍ତି।

**–ଅଲେଖ ଚନ୍ଦ୍ର ମିଶ୍ର**

ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ–୪, ଭୁବନେଶ୍ୱର

ମୋ: ୯୪୩୮୬୭୩୮୯୮

## ଖିଲି ଖିଲି ହସ

**(ବାପା ଓ ରାଜୁ ମଧ୍ୟରେ କଥାବାର୍ତ୍ତା...)**

**ବାପା:** ଆରେ ରାଜୁ! ଆଜି ଇତିହାସ ପରୀକ୍ଷା କେମିତି ହେଲା?

**ରାଜୁ:** କ'ଣ ଆଉ କହିବି ବାପା। ମୁଁ ଜନ୍ମ ହେବା ପୂର୍ବରୁ ଯାହା ସବୁ ଘଟଣା ଘଟିଥିଲା, ସେହି ମସିହା ବିଷୟରେ ଖାଲି ପ୍ରଶ୍ନ ଆସିଥିଲା। ମୁଁ ସିନା ସେଗୁଡ଼ା ଦେଖିଥିଲେ କି ଜାଣିଥିଲେ ଲେଖିଥା'ନ୍ତି। ସେଥିପାଇଁ ତ ମୁଁ ଖାଲି ବସି ବସି ଆସିଲି।

**(ଜେଜେ ଓ ନାତିଙ୍କ ଭିତରେ କଥାବାର୍ତ୍ତା...)**

**ନାତି:** ଜେଜେ! ମୁଁ ଗୋଟେ କଥା ବୁଝିପାରୁନି, ତମ ମୁଣ୍ଡ କେଶ ଧଳା ଆଉ ନିଶ କଳା କାହିଁକି?

**ଜେଜେ (ହସି ହସି)–** ଆରେ ନାତି, କଥା କ'ଣ କି ମୁଣ୍ଡ କେଶ ନିଶଠାରୁ ୨୦ ବର୍ଷ ବଡ଼ ତ, ସେଥିପାଇଁ।

**(ପୁଅ ଉପରେ ବାପାଙ୍କ ରାଗ...)**

**ବାପା–**ପୁଅ, କହିଲୁ...ଗୋଟିଏ ପାତ୍ରରେ ୧୦ଟି ଆମ୍ବ ଥିଲା। ସେଥିରୁ ୩ଟି ଆମ୍ବ ସଡ଼ିଗଲା। ଆଉ କେତୋଟି ରହିଲା?

**ପୁଅ(ସଙ୍ଗେ ସଙ୍ଗେ)**–ସେଇ ୩ ଟି ଆମ୍ବ ହିଁ ରହିବ।

**ବାପା(ଆଶ୍ଚର୍ଯ୍ୟରେ ହୋଇ)**–ଆରେ କେମିତି? ତତେ ଏଇ ସାଧାରଣ କଥାଟି ଆସୁନି?

**ପୁଅ–**ହଁ ବାପା। କ'ଣ ମୁଁ ଭୁଲ୍ କହିଲି କି? ୩ଟା ଆମ୍ବ ସଡ଼ିଗଲା ତାକୁ ଛାଡି ବାକି ଭଲ ୭ଟା ଆମ୍ବ ମୁଁ ଖାଇଦେଲି।

ରଙ୍ଗ ଦିଅ



## ମତାମତ

'ଜଣା ଅଜଣା' ସ୍ତମ୍ଭଟିରୁ ନୂଆ ନୂଆ ତଥ୍ୟ ଜାଣିବାକୁ ମିଳୁଛି।

**– ବିଶ୍ୱଭୂଷଣ ଶ୍ରୀଚନ୍ଦନ, ସାରୁଅ, ଖୋର୍ଦ୍ଧା**

ଏଥରର 'କବିତା' ସ୍ତମ୍ଭରେ ସ୍ଥାନିତ କବିତାଗୁଡ଼ିକ ଛୋଟ ଓ ବେଶ୍ ମନଛୁଆଁ ହୋଇପାରିଥିଲା।

**– ପ୍ରତିଭା ପାଇକରାୟ, ଧର୍ମଶାଳା, ଯାଜପୁର**

ଗଳ୍ପ ସ୍ତମ୍ଭରେ ପ୍ରକାଶିତ 'ନିଜକୁ ଆଗେ ଚିହ୍ନିବା ଆସ' ପିଲାଙ୍କ ପାଇଁ ବେଶ୍ ଶିକ୍ଷଣୀୟ ହୋଇଛି। ସବୁ କାମ ପୂର୍ବରୁ ପ୍ରଥମେ ନିଜକୁ ଜାଣିବା–ତାହା ଏହି ଗପରୁ ଜାଣିବାକୁ ମିଳିଲା।

**– ବିଶାଖା ସିଂ, କେସିଙ୍ଗା, କଳାହାଣ୍ଡି**

'ଖିଲି ଖିଲି ହସ' ସ୍ତମ୍ଭରେ ପ୍ରକାଶିତ ନାତି–ଜେଜେବାପାଙ୍କ କଥାବାର୍ତ୍ତା ଶୁଣି ବହୁତ ହସିଲି। 'ଚଗଲା ଭୀମୁ' ବି ପଢ଼ିବାକୁ ଭଲ ଲାଗୁଛି।

**– ଶିବ ପ୍ରସାଦ ପାଢ଼ୀ, ଡୁଙ୍ଗୁରିପାଲି, ସୋନପୁର**

'ଆଇନା' ସ୍ତମ୍ଭରେ ବାହାରୁଥିବା ଛୋଟ ପିଲାମାନଙ୍କ ଫଟୋ ସୁନ୍ଦର ଲାଗୁଛି।

**– ଏଲିନା ପ୍ରିୟଦର୍ଶୀ, ମଞ୍ଚେଶ୍ୱର, ଭୁବନେଶ୍ୱର**

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା


ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ ଓ ଠିକଣା ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**

dharitrifeature@gmail.com

## ଚଗଲା ଭୀମୁ





# ବାଗ୍‌ଦେବୀଙ୍କ ଆରାଧନା

**ଆଜି ସରସ୍ୱତୀ ପୂଜା। ମା'ଙ୍କୁ ପୂଜା କରି ତାଙ୍କ ଆଶିଷ ଲାଭ କରିବାର ଦିନ। ଯଦିଓ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ଅଳ୍ପସଂଖ୍ୟକ ପିଲାଙ୍କୁ ସ୍କୁଲ୍‌ରେ ପୂଜା ପାଳନ କରିବାକୁ ଅନୁମତି ମିଳିଛି, ହେଲେ ଗୋଟେ ପଟେ ପୂଜା ପାଇଁ ମନରେ ଉତ୍କଣ୍ଠା ଭରିରହିଥିବା ବେଳେ ଆଉ ଗୋଟେ ପଟେ ଏଯାଏଁ କମିନି କରୋନା ଭୟ। ଏମିତିରେ କିପରି ପାଳିବେ ଏବର୍ଷର ପୂଜା ତା'କୁ ନେଇ ଦୋଛକିରେ ପିଲାଙ୍କ ମନ...**

ପ୍ରତିବର୍ଷ ମାଘମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ପୂଜା କରାଯାଏ। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଭିନ୍ନ ଅନୁଷ୍ଠାନଗୁଡ଼ିକରେ ଏହି ପୂଜା ବେଶ୍ ଧୂମ୍‌ଧାମ୍‌ରେ ପାଳନ କରାଯାଉଥିବା ବେଳେ ଏବେ କୋଭିଡ୍ ପାଇଁ ଏହା କିଛି ମାତ୍ରାରେ ଫିକା ପଡ଼ିଯାଇଛି। ନୂଆ ଗାଇଡ୍‌ଲାଇନ୍ ଅନୁଯାୟୀ ଅଳ୍ପସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନେଇ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜାକୁ ସରକାର ଅନୁମତି ଦେଇଛନ୍ତି। ସରକାରଙ୍କ ଏହି ପଦକ୍ଷେପରେ କେତେକ ପିଲା ବେଶ୍ ଖୁସି ଥିବା ବେଳେ ଆଉ କେତେଜଣ ଏଯାଏଁ କୋଭିଡ୍ ସଂକ୍ରମଣର ଭୟ ଟଳି ନ ଥିବାରୁ ସ୍କୁଲ୍ ପରିବର୍ତ୍ତେ ଘରେ ପରିବାରବର୍ଗଙ୍କ ସହ ମିଶି ପୂଜା ପାଳିବାକୁ କରିଛନ୍ତି ପ୍ଲାନିଂ। ତେବେ ଏଥର ପିଲାମାନେ ସରସ୍ୱତୀ ପୂଜା କିପରି ପାଳନ କରୁଛନ୍ତି ସେ ସମ୍ପର୍କରେ ଯାହା କୁହନ୍ତି ଏମାନେ... ..

## ସ୍କୁଲ ପରି ଘରକୁ ବି ଡେକୋରେଟ୍ କରିବି



ପୂଜା ପାଖେଇ ଆସିଲେ ସ୍କୁଲ୍‌ର ମାହୋଲ ବଦଳିଯାଏ। ୨ ଦିନ ଆଗରୁ ସ୍କୁଲ ପରିସର ଏବଂ ସମସ୍ତ ଶ୍ରେଣୀଗୃହ ଭଲ ଭାବେ ସଫା ହୁଏ। ରଙ୍ଗିନ୍ କାଗଜରେ ଝାଲେରି କାଟି ପୂଜାସ୍ଥଳ ସହ ସ୍କୁଲ୍‌କୁ ସୁନ୍ଦର ଭାବେ ସଜାଉ। ପୂଜା ଦିନ ମା'ଙ୍କ ପାଖେ ମୁରୁଜ ଓ ଚିତା ପକାଇ ସେ ସ୍ଥାନକୁ ଆକର୍ଷଣୀୟ କରିବା ସହ ମା'ଙ୍କୁ ଲିଚୁ ଲାଇଟ୍‌ରେ ସଜାଉ। ଏ ସବୁକୁ ବହୁତ୍ ମିସ୍ କରୁଥିଲି। ସ୍କୁଲ୍ ଖୋଲିବା କଥା ଶୁଣି ଖୁସି ଅଛି। କୋଭିଡ୍ ନିୟମ ମାନି ଅଧିକ ଗହଳି ନ କରି ସ୍କୁଲ୍‌ରେ ପୂଜା କରିବୁ।

**–ଆଦିତ୍ୟ ସାମନ୍ତରାୟ,** କ୍ଲାସ–୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଟଣୀ, ଖୋର୍ଦ୍ଧା

## ଫୁଲ ପାଇଁ ରାତିରୁ ଉଠୁ



ଗଣେଶ ପୂଜା କି ସରସ୍ୱତୀ ପୂଜା ଆସିଲେ ମୋତେ ୨ ଦିନ ପୂର୍ବରୁ ନିଦ ନ ଥାଏ। ସାଙ୍ଗମାନେ ସମସ୍ତେ ମିଶି ରାତିରୁ ଫୁଲ ତୋଳିବାକୁ ଯାଉ। ଆମମାନଙ୍କ ଭିତରେ ପ୍ରତିଯୋଗିତା ଚାଲେ କିଏ କେତେ ସୁନ୍ଦର ଆଉ ବଡ଼ ଫୁଲମାଳ ତିଆରି କରିପାରୁଛି। ହେଲେ, ଏ ବର୍ଷ କୋଭିଡ୍ ପାଇଁ ସ୍କୁଲ୍ ଯିବାକୁ ଡର ଲାଗୁଥିବାରୁ ମା'ଙ୍କ ମୂର୍ତ୍ତି କିଣି ପରିବାରବର୍ଗଙ୍କ ସହ ମିଶି ଘରେ ପୂଜା କରିବି। ଏ ମହାମାରୀ ଶୀଘ୍ର ଦୂର ହୋଇଯାଉ, ଆଉ ଆମେ ପୂର୍ବପରି ସ୍କୁଲକୁ ଯାଇପାରୁ ବୋଲି ମା'ଙ୍କ ପାଖେ କାମନା କରିବି।

**–ରାଜେଶ୍ୱରୀ ଜେନା,** କ୍ଲାସ୍–୯, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରାଜସୁନାଖଳା, ଖୋର୍ଦ୍ଧା

## ପଞ୍ଚାମୃତ ପ୍ରସ୍ତୁତ କରିବୁ



ସ୍କୁଲ୍‌ରେ ପୂଜା ସରିବାମାତ୍ରେ ସାଙ୍ଗମାନେ ମିଶି ନିକଟସ୍ଥ ଅନ୍ୟାନ୍ୟ ସ୍କୁଲ୍ ବୁଲିବାକୁ ଯାଉ। ପ୍ରତ୍ୟେକ ସ୍ଥାନରେ ସେଠି ଭୋଗ ଆଉ ପଞ୍ଚାମୃତ ଖାଉ। ଏବର୍ଷ ସରସ୍ୱତୀ ପୂଜାରେ ଘରେ ପଞ୍ଚାମୃତ କରି ସାହିରେ ବାଣ୍ଟିବୁ। ଦୁଇ ଦିନ ପୂର୍ବରୁ ପଞ୍ଚାମୃତ ପାଇଁ ଦରକାର ଥିବା ସମସ୍ତ ସାମଗ୍ରୀକୁ ମା' ଘରେ ସଜାଇ ରଖିଛନ୍ତି। ସ୍କୁଲ୍ ଖୋଲା ଥିଲେ ବି ଅଧିକ ଗହଳି କରିବାକୁ ମନାଥିବାରୁ ମୁଁ ଯିବିନି। ତେଣୁ, ଘରେ ଯେତେ ପ୍ରକାରର ଭୋଗ ହେଉକି ସାଜସଜ୍ଜା ହେଉ, ସ୍କୁଲ୍ ପୂଜାର ଅନୁଭୂତି ଅନନ୍ୟ ଏବଂ ସବୁବେଳେ ମନେପଡ଼ିବ।

**–ଅନାଦି ଟୋଲଟିଆ,** କ୍ଲାସ୍–୭, ଜବାହାର ନବୋଦୟ ବିଦ୍ୟାଳୟ, ନର୍ଲା, କଳାହାଣ୍ଡି



## ଭୋଜିବେଳର ଫଟୋଶୁଟ୍ ମନେରହିବ



ଫଟୋ ଉଠାଇବାରେ ଆମେ ଏତେ ମାତିଯାଉ ଯେ ଭୋଜି ସମୟରେ ଆମେ ଖାଉ କମ୍, ଫଟୋ ଉଠାଉ ବେଶି। ସେଥିପାଇଁ ବହୁଥର ସାର୍‌ମାନଙ୍କଠାରୁ ବି ଗାଳି ଶୁଣିଛୁ। ଏବେ ସେସବୁ କଥା ବହୁତ ମନେପଡୁଛି। ଏବର୍ଷ ବନ୍ଧୁବାନ୍ଧବ ଘରକୁ ଆସୁଥିବାରୁ ସମସ୍ତେ ମିଶି ଘରେ ପୂଜା ପାଳିବୁ। ଏଥର ସ୍କୁଲ୍‌କୁ ନ ଯାଇ ଘରେ ଥାଇ ସାଙ୍ଗମାନଙ୍କ ସହ ଗୁଗୁଲ୍ ମିଟ୍‌ରେ ଭର୍ଚୁଆଲି ପୂଜା ଉପଭୋଗ କରିବି।

**–ଇପ୍‌ସିତା ପଣ୍ଡା,** କ୍ଲାସ୍–୮, ହରି ନାରାୟଣ ନୋଡାଲ୍ ୟୁପି ଏମ୍.ଇ. ସ୍କୁଲ, ଭଦ୍ରକ

## ସ୍କୁଲ ଯିବାର ସୁଯୋଗ ମିଳିଲା

କରୋନା ପାଇଁ ସ୍କୁଲ୍ ବନ୍ଦ ଥିବାରୁ ଏଥର ଭାବିଥିଲି ଘରେ ରହି ହିଁ ପୂଜା ପାଳନ କରିବି। ଭିଡ଼ିଓ କଲ୍‌ରେ ସାଙ୍ଗମାନଙ୍କୁ ୱିଶ୍ କରି ସେମାନଙ୍କ ସହ କଥା ହେବି। ହେଲେ, ଶେଷ ସମୟରେ ସରକାର ସ୍କୁଲ୍ ଖୋଲିଥିବାରୁ ବହୁତ ଖୁସି। ସବୁ ସାଙ୍ଗମାନଙ୍କୁ ଦେଖି ନ ପାରିଲେ ବି କିଛି ସାଙ୍ଗମାନଙ୍କ ସହ ଭେଟ ହେବ। ଭାବିଛୁ, ଯେଉଁ ସାଙ୍ଗମାନେ ଆସି ନ ପାରିବେ ଭିଡିଓ କଲ୍‌ରେ ସେମାନଙ୍କୁ ସ୍କୁଲର ପୂଜା ଦେଖାଇବୁ।



**ଆୟୁଷ ମହାକୁଲ,** କ୍ଲାସ୍–୯, କେନ୍ଦ୍ରୀୟ ବିଦ୍ୟାଳୟ, ଅନୁଗୁଳ

# ଗିନିଜ ୱାର୍ଲ୍ଡ ରେକର୍ଡ

## ବହି ପଢ଼ି ରେକର୍ଡ଼

ବହି ତ ସମସ୍ତେ ପଢ଼ନ୍ତି, ହେଲେ ବହିପଢ଼ାରେ ବିଶ୍ୱ ରେକର୍ଡ଼ କରିବା ଖୁବ୍ କମ୍ ଜଣ କରିପାରନ୍ତି। ୪ ବର୍ଷ ବୟସରେ କିଆରା କୌର୍ ନାମକ ଜଣେ ଭାରତୀୟ-ଆମେରିକୀୟ ବହି ପଢ଼ି ରେକର୍ଡ଼ କରିଛନ୍ତି। ସେ ମାତ୍ର ୧୦୫ ମିନିଟ୍‌ରେ ୩୬ଖଣ୍ଡ ବହି ପଢ଼ି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ଚେନ୍ନାଇରେ ଜନ୍ମ ହେଲେ ମଧ୍ୟ ଏବେ ସେ ଆମେରିକାରେ ନିଜ ବାପା-ମା'ଙ୍କ ସହ ରହୁଛନ୍ତି। କିଆରାଙ୍କ ବହିପଢ଼ା ପ୍ରତି ଆଗ୍ରହକୁ ପ୍ରଥମେ ତାଙ୍କ ସ୍କୁଲ ଶିକ୍ଷକ ଜାଣିପାରିଥିଲେ। ତାଙ୍କ ବାପା-ମା'ଙ୍କ କହିବା ଅନୁସାରେ କିଆରା ଦିନକ ଭିତରେ ୨୦୦ଖଣ୍ଡ ବହି ପଢ଼ିପାରନ୍ତି। ଯଦି ନୂଆ ବହି ପଢ଼ିବା ସରିଯାଉଛି, ତେବେ ସେ ପୁଣି ପୁରୁଣା ବହିକୁ ଖୋଲି ପଢ଼ିଥାନ୍ତି। ଏଥିପାଇଁ ତାଙ୍କୁ ତାଙ୍କ ଜେଜେବାପା ବେଶି ଉତ୍ସାହିତ କରିଥାନ୍ତି। ବହିରେ ଥିବା ଚିତ୍ର ଏବଂ ଶବ୍ଦଗୁଡ଼ିକ ପାଇଁ ସେ ବେଶି ବହି ପଢ଼ିବାକୁ ଭଲପାଆନ୍ତି ବୋଲି ଏକ ସାକ୍ଷାତକାରରେ କହିଛନ୍ତି।




# ଏଥରର

- ସରସ୍ୱତୀ ପୂଜା କେଉଁ ତିଥିରେ ପାଳନ କରାଯାଏ ?
- ବୀଣାପାଣି ଭାବେ କେଉଁ ଦେବୀଙ୍କୁ ଜଣାଯାଏ ?
- ସରସ୍ୱତୀ ପୂଜା ଆଉ କେଉଁ ନାମରେ ଖ୍ୟାତ ?
- ସରସ୍ୱତୀଙ୍କ ବାହନ କିଏ ?
- ସରସ୍ୱତୀଙ୍କ ବାଦ୍ୟଯନ୍ତ୍ରର ନାମ ?



## ଗତଥରର ଉତ୍ତର

- ୩୦ ଜାନୁୟାରୀ ୧୯୪୮
- ଚମ୍ପାରନ ସତ୍ୟାଗ୍ରହ (୧୯୧୭)
- ଗୋପାଳ କୃଷ୍ଣ ଗୋଖେଲ
- ରାଜଘାଟ
- ଦି ଷ୍ଟୋରୀ ଅଫ୍ ମାଇଁ ଏକ୍ସପେରିମେଣ୍ଟସ୍ ୱିଥ୍ ଟ୍ରୁଥ୍



# କବିତା



## ଆସ ମା' କରୁଣାମୟୀ



କରୁଣାମୟୀ ମା' ଦେବୀ ବୀଣାପାଣି
ଆସ ମା' ଧରଣୀ ପରେ
ବରଷକେ ଥରେ ତୁମ ମୂରତିକୁ
ପୂଜିବୁ ଭକତି ଭରେ।
ତୁମକୁ ପୂଜିଲେ ପାଇଯିବୁ ଭଲ
ପାଠ ଶାଠ ବୁଦ୍ଧି ଜ୍ଞାନ
ଭଲ ପାଠ ପଢ଼ି ଦେଶ ରାଇଜର
ରଖିବୁ ମହତ ମାନ।
ପାଠ ଦେଖାଇବ ଦୁନିଆ ବୁକୁରେ
ଚାଲିବାକୁ ଭଲ ବାଟ,
ଗୁରୁଜୀଙ୍କ କଥା ମାନି ପଢ଼ିଯିବୁ
ବିଦ୍ୟାଳୟେ ଭଲ ପାଠ।
ସାରା ସଂସାରର ବିଦ୍ୟାଦେବୀ ତୁମେ
ସାହା ହୁଅ ଥରେ ଆସି,
ବିଶାଳ ଦୁନିଆ ବୁକୁରେ ମାଆଗୋ
ଅନ୍ଧକାର ଦିଅ ନାଶି।

**-ପ୍ରଶାନ୍ତ କୁମାର ଦାଶ**
କୁଞ୍ଜିର, ସଙ୍ଗଳାଇ,ପିପିଲି, ପୁରୀ

## ବିଦ୍ୟାଦାତ୍ରୀ ସରସ୍ୱତୀ

ହେ ବୀଣାବାଦିନୀ ବିଦ୍ୟା ପ୍ରଦାୟିନୀ
ତୁହି ସରସ୍ୱତୀ ମାଆ
ବିପଦହାରିଣୀ ପାତକନାଶିନୀ
ଶ୍ୱେତ ପଦ୍ମାସନା ମାଆ।
ହଂସବାହିନୀ ଶାସ୍ତ୍ର ରୂପିଣୀ
ତୁହି ଯେ ମହାମାୟା
ଭରିଦିଅ ପ୍ରାଣେ ଜ୍ଞାନର ପ୍ରଦୀପ
ତୁହି ମାଆ ବ୍ରହ୍ମ ଜାୟା।
ଦେଇଥିଲୁ ଦିନେ ଜ୍ଞାନର ସାଗର
କବି କାଳିଦାସେ ବରି
ଅଜ୍ଞାନ ଅନ୍ଧାର କର ମା' ଦୂର
ବିଦ୍ୟାର ଆଲୋକ ଭରି
ଆହେ ମହାବିଦ୍ୟା ଆହେ ବରପ୍ରଦା
ଦିଅହେ ଆଶିଷ ମାଆ।

**-ଡ. ବିଜ୍ଞାନ ମହାନ୍ତି**
୩୫, ସୂର୍ଯ୍ୟନଗର, ଭୁବନେଶ୍ୱର



## ପ୍ରଣତି ଘେନ ମା'

ପ୍ରଣତି ଘେନ ମା' ବିଦ୍ୟାଦାୟିନୀ
ବାକ୍ୟଦେବୀ ସରସ୍ୱତୀ
ବୀଣାପୁସ୍ତକ ଧାରିଣୀ ଜନନୀ
ଜୟ ଜୟ ମାତା ଭଗବତୀ।
ମରାଳ ବାହିନୀ ଶ୍ୱେତ ପଦ୍ମାସନୀ
ବିଦ୍ୟା ବୁଦ୍ଧି ସିଦ୍ଧି ପ୍ରଦାୟିନୀ
ଅଜ୍ଞାନ ତିମିର କଳୁଷ ହାରିଣୀ
ଶୁଭାଶିଷ ବର ପ୍ରଦାୟିନୀ।
ତୁମରି ଆଶିଷେ ହେଉ ଆଲୋକିତ
ଜ୍ଞାନର ମହା ଆଲୋକ ଜ୍ୟୋତି
ଗର୍ବ ଅହଂକାର ଦୂରହେଉ ମାତା
ତବ ପଦେ ସଦା ରହୁ ମତି।

**-ଅର୍ଚ୍ଚନା କର**
୬୫୬, ନୟାପଲ୍ଲୀ,
ବେହେରାସାହି, ଭୁବନେଶ୍ୱର



## ଶ୍ରୀପଞ୍ଚମୀ

ମାଘରେ ଏ ଶିରୀ ପଞ୍ଚମୀ
ପୁଣି ମେଳା ମାଘ ସପ୍ତମୀ
ଶୀତର ପାଣ୍ଡୁରା ଲିଭି ଲିଭି
ଗଲା
ପୂଜାପା'ନ୍ତି ବିଦ୍ୟାର ରାଣୀ।
ବସନ୍ତର ଚୋରା ଚାହାଣି
ମୁରୁକି ମୁରୁକି ହସେ ଧରଣୀ
ରୂପବତୀ ନୂଆ ରଙ୍ଗରେ
ସାଜିବ
ସଧୀର ମଳୟ ଆଗମନୀ।
ପଞ୍ଚମୀ ଅନେକ ଆସଇ
ଶ୍ରୀପଞ୍ଚମୀ ବର୍ଷେ ଏକଇ
ଶ୍ରୀପଞ୍ଚମୀରେ ସରସ୍ୱତୀ ପୂଜା
ଶ୍ରୀ ଶବ୍ଦେ ଲକ୍ଷ୍ମୀ ବୁଝାଇ।
ବେନି ଭଉଣୀ ଲକ୍ଷ୍ମୀ ବାଣୀ
ଅନ୍ନଦା, ବରଦା କଲ୍ୟାଣୀ
ଖାଦ୍ୟ ଦିଏ ଜଣେ, ବିଦ୍ୟା
ଦିଏ ଜଣେ
ତେଣୁ ସେ ଜଗତଜନନୀ।

**-ଶିବ ପ୍ରସାଦ ରାଉତ**
ବଚ୍ଛଦା, ଜଗନ୍ନାପୁର, ଭଦ୍ରକ

## ପ୍ରଥମ

ପ୍ରଥମ ସନ୍ତାନ ଆସିଲେ ଜୀବନେ
ସବୁ ଲାଗେ ନୂଆ ନୂଆ,
ପ୍ରଥମ ଝିଅ ଜନମ ହୋଇଲେ
କୁହନ୍ତି ଲକ୍ଷ୍ମୀ ଆସିଲେ।
ପ୍ରଥମ ଧାଡ଼ିରେ ସଫଳତା ମିଳେ
ଦୌଡୁଥିବା ଖେଳାଳିଙ୍କୁ,
ପିଲାଙ୍କ ଉନ୍ନତି ପ୍ରଥମେ ଶୁଣିଲେ
ଖୁସି ଲାଗେ ସମସ୍ତଙ୍କୁ।
ମିଷ୍ଟଭାଷୀ ଗୁଣୀ ପ୍ରଥମଦେଖାରେ
ପାଲଟିଯାନ୍ତି ବିଶ୍ୱାସୀ,
ନଡ଼ିଆରେ ପାଣି କେମିତି ପଶିଲା
ସେଇ ତ ଲାଗେ ମ୍ୟାଜିକ୍।
ସକାଳୁ ଶେଯରୁ ଉଠିଲେ ପିଲାଏ
ଇଷ୍ଟକୁ କର ପ୍ରଣିପାତ,
ଏଇ ଦୁନିଆରେ ସବୁ ଖାଲି ମିଛ
ସତ ଯାହା ଜଗନ୍ନାଥ।



**-ଜୟନ୍ତୀ ଭୂୟାଁ**
ସାତବାଟିଆ,
ଜଗତପୁର,
କଟକ

# କହିଲ ଦେଖି



(୧) ହାତରେ ବୀଣାକୁ ଧରିଛନ୍ତି ବୋଲି
ନାମ ଅଟେ ବୀଣାପାଣି,
ଦିଅନ୍ତି ସଭିଙ୍କୁ ବିଦ୍ୟା ବୁଦ୍ଧି ଜ୍ଞାନ
ନିଜର ସନ୍ତାନ ମଣି,
ମାଘ ମାସ ଶୁକ୍ଳ ତିଥିରେ
ଗାଆଁଠୁ ସହର, ବିଦ୍ୟାନିକେତନ
ପାଆନ୍ତି ସବୁଠି ପୂଜାରେ।

ଉତ୍ତର:- **ମାତା ସରସ୍ୱତୀ**



(୨) ମାତା ଭାରତୀର ବାହନ ଅଟଇ
ଶରୀରର ରଙ୍ଗ ଧଳା,
ପାଣିରୁ ସରକୁ ବାଛି ପିଇନିଏ
ଜାଣଇ ଏପରି କଳା ,
ଏମିତି ପକ୍ଷୀ ସେ ଅଟେ
ଯିଏ କହିଦେବ ନାମଟି ତାହାର
ସିଏ ଭଲ ପିଲା ଗୋଟେ।

ଉତ୍ତର :- **ହଂସ**

(୩) କଳାକାର ହାତେ ପାଏ ମୁଁ ଶୋଭା
ବୃଦ୍ଧିକରେ ଜ୍ଞାନଦେବୀଙ୍କ ଆଭା,
ନାନା ତାଳ ଲୟ ତାରରେ ଛୁଟେ
ସପ୍ତ ସ୍ୱର ତୋଳି ଝଙ୍କୃତ ହୁଏ,
କହିଦିଅ ବାଦ୍ୟ ଯନ୍ତ୍ର ମୁଁ କିଏ ?

ଉ- **ବୀଣା**



**-ସୁବ୍ରତ ମଲ୍ଲିକ**
କୋରୁଆ, ଅସୁରାଳି, ଭଦ୍ରକ
ମୋ: ୭୦୦୮୩୧୫୯୧୬

## ପ୍ଲାଷ୍ଟିକ୍ ଦ୍ୱୀପ

ତୁମେମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବ, ପ୍ରଶାନ୍ତ ମହାସାଗରରେ ଏକ ପ୍ଲାଷ୍ଟିକ୍ ଦ୍ୱୀପ ରହିଛି, ଯାହା ଫ୍ରାନ୍ସ ଦେଶଠାରୁ ୩ ଗୁଣ ବଡ଼। ଏହି ଦ୍ୱୀପର କ୍ଷେତ୍ରଫଳ ରହିଛି ୧.୬ ମିଲିୟନ୍ ବର୍ଗ କିଲୋମିଟର।





## ଟମାଟୋ ଉତ୍ପାଦନକାରୀ ଦେଶ–ଚାଇନା

ଶରୀର ପାଇଁ ବେଶ୍ ଲାଭଦାୟକ ପରିବା ହେଉଛି ଟମାଟୋ। ଚାଇନାରେ ସବୁଠୁ ଅଧିକ ଅର୍ଥାତ୍ ବିଶ୍ୱର ସମୁଦାୟ ଉତ୍ପାଦନର ପ୍ରାୟ ୪ ଭାଗ ଟମାଟୋ କେବଳ ଏଠାରେ ହିଁ ଉତ୍ପାଦିତ ହୁଏ। ସେହିପରି ଯୁକ୍ତରାଷ୍ଟ୍ର ଆମେରିକା ଓ ଭାରତ ଟମାଟୋ ଉତ୍ପାଦନରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।



## କଙ୍ଗାରୁ ରହସ୍ୟ

ଅଷ୍ଟ୍ରେଲିଆରେ ବାସ କରୁଥିବା କଙ୍ଗାରୁମାନଙ୍କ ଦଳକୁ 'ମବ୍' କୁହାଯାଏ। ଏମାନଙ୍କର ୪ଟି ଗୋଡ଼ ଥିଲେ ମଧ୍ୟ ଏମାନେ ନିଜ ଲାଞ୍ଜକୁ ପଞ୍ଚମ ଗୋଡ଼ ଭାବେ ବ୍ୟବହାର କରିଥା'ନ୍ତି। ଜାଣିବାର କଥା ହେଉଛି ନିଜ ଉଚ୍ଚତାର ୩ ଗୁଣ ପର୍ଯ୍ୟନ୍ତ ଏମାନେ ଡେଇଁପାରନ୍ତି।

# ଜଣା ଅଜଣା




## ବିନା ଖାଦ୍ୟରେ ବଞ୍ଚୁଥିବା ପ୍ରାଣୀ

ସାଧାରଣତଃ ସମସ୍ତ ପ୍ରାଣୀ ନିଜ ନାକ ଦ୍ୱାରା ବାସ୍ନା ବାରିଥା'ନ୍ତି। ହେଲେ, ତୁମେମାନେ ଜାଣିଛ କି ସାପମାନେ ନିଜର ଜିଭ ଦ୍ୱାରା ବାସ୍ନା ବାରିପାରନ୍ତି। ସେହିପରି ବିନା ଖାଦ୍ୟରେ ଏମାନେ ମାସ ମାସ ଧରି ବଞ୍ଚିପାରନ୍ତି।

## ମୋବାଇଲ୍ ଓ ଯୁବପିଢ଼ି

ଦିନକୁ ଦିନ ମୋବାଇଲ୍‌ର ବ୍ୟବହାର ବଢ଼ି ବଢ଼ି ଚାଲିଛି। ଏକ ଗବେଷଣାରୁ ଜଣାପଡ଼ିଛି କି ଆମେ ପ୍ରତିଦିନ ପ୍ରାୟ ୧୧୦ ଥର ଆମ ମୋବାଇଲ୍‌କୁ ଚେକ୍ କରୁଛେ। ବ୍ୟବହାରକାରୀଙ୍କ ମଧ୍ୟରେ ଯୁବପିଢ଼ି ଆଗରେ ଥିବାବେଳେ ସନ୍ଧ୍ୟା ୫ଟାରୁ ସନ୍ଧ୍ୟା ୮ଟା ଭିତରେ ମୋବାଇଲ୍ ବେଶି ବ୍ୟବହାର ହୁଏ।



# ଆ ଇ ନା

**ଅନୁଷ୍କା ବେଉରା**
**ବୟସ: ୧୨ ବର୍ଷ**
ଭୁବନେଶ୍ୱର





**ପ୍ରଭନ୍ୟା ପଲକ୍ଷ୍ମୀ**
**ବୟସ: ୫ ବର୍ଷ**
ଶିରିପୁର, ଭୁବନେଶ୍ୱର




**ଶୁଭମ୍‌ଜିତ୍‌ ପ୍ରଧାନ**
**ବୟସ: ୬ ବର୍ଷ**
ପରମହଂସ, କଟକ